# NATIONAL NEWS BULLETIN (ODIA)
## 5 April - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- କଲମ୍ବୋ ଠାରେ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

– ଭବିଷ୍ୟତ ପାଇଁ ଭାଗିଦାରୀତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବଦ୍ଧତା ପ୍ରକାଶ କଲେ ଉଭୟ ରାଷ୍ଟ୍ର ।

- ଅସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଆଇନ୍ ଅନୁଯାୟୀ ପଞ୍ଜିକୃତ ହୋଇଥିବା ଓ୍ୱାକଫ୍ ସମ୍ପତ୍ତିକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ସ୍ପଷ୍ଟ କଲା ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ।
- ୧ ଲକ୍ଷ ୮୦ ହଜାର ରୋହିଙ୍ଗ୍ୟାଙ୍କୁ ବାଂଲାଦେଶରୁ ଫେରାଇ ଆଣିବା ପାଇଁ ଚିହ୍ନଟ କଲେ ମ୍ୟାଁମାର୍ କର୍ତ୍ତୃପକ୍ଷ ।

ଏବଂ

- ଆଇପିଏଲ୍‌ର ଆଜିର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ।

– ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗସ୍ ।

## ପିଏମ୍-ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଲମ୍ବୋଠାରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାଏକେଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷା ଏବଂ ଶକ୍ତି ସମେତ ବିଭିନ୍ନ କ୍ଷେତ୍ର ପାଇଁ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଭୟ ନେତା ଏକ ଅଂଶିଦାର ଭବିଷ୍ୟତ ପାଇଁ ଭାଗିଦାରୀତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ମିଳିତ ଦୃଷ୍ଟିକୋଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

**V/O**

ଦୁଇ ଦେଶ ମଧ୍ୟରେ ସ୍ଥାୟୀ ବନ୍ଧୁତ୍ୱର ପ୍ରତୀକ ସ୍ୱରୂପ ରାଷ୍ଟ୍ରପତି ଦିଶାନାଏକେ ଶ୍ରୀ ମୋଦୀଙ୍କୁ **ମିତ୍ର ବିଭୂଷଣ** ସମ୍ମାନରେ ସମ୍ମାନିତ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଏହା ହେଉଛି ୧୪୦କୋଟି ଭାରତୀୟଙ୍କର ସମ୍ମାନ । ଶ୍ରୀଲଙ୍କା ଓ ଭାରତ ଜନସାଧାରଣଙ୍କ ମଧ୍ୟରେ ଐତିହାସିକ ସଂପର୍କ ଏବଂ ଗଭୀର ବନ୍ଧୁତ୍ୱ ଏହା ପ୍ରତିପାଦିତ କରୁଛି ବୋଲି ସେ କହିଛନ୍ତି । ଏଥିପାଇଁ

ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ରାଷ୍ଟ୍ରପତି, ସେଠାକାର ସରକାର ଏବଂ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀଲଙ୍କାର ଶକ୍ତି ନିରାପତ୍ତା ବୃଦ୍ଧି ଲକ୍ଷ୍ୟରେ ଏନ୍.ଟି.ପି.ସି. ଏବଂ ସିଲୋନ୍ ବିଦ୍ୟୁତ୍ ବୋର୍ଡ ମିଳିତ ଭାବେ କାର୍ଯ୍ୟକାରୀ କରୁଥିବା ସାମ୍ପୁର୍ ବୈଦ୍ୟୁତିକ ପ୍ରକଳ୍ପର ଶିଳାନ୍ୟାସ ସମାରୋହରେ ଉଭୟ ନେତା ଅଂଶଗ୍ରହଣ କରିଥିଲେ । ଭାରତ ସହାୟତାରେ ଦାମ୍ବୁଲାରେ ତାପମାତ୍ରା ନୟନ୍ତ୍ରିତ କୃଷି ଗୋଦାମ ପ୍ରତିଷ୍ଠା ଏବଂ ୫ ହଜାର ଧାର୍ମିକ ଅନୁଷ୍ଠାନରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ସେଠାକାର ବିରୋଧୀ ଦଳ ନେତା ଏବଂ ଅନ୍ୟାନ୍ୟ ଦଳର ନେତୃବୃନ୍ଦଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

ରାଷ୍ଟ୍ରପତି ଦିଶାନାଏକେ କହିଛନ୍ତି ଦୁଇଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଘନିଷ୍ଠ । ଉଭୟ ଦେଶ ମଧ୍ୟରେ ଐତିହାସିକ, ଧାର୍ମିକ ଏବଂ ସାଂସ୍କୃତିକ ସଂପର୍କ ରହିବା ସହ ପାରସ୍ପରିକ ମୂଲ୍ୟବୋଧ, ସମ୍ମାନ ଏବଂ ସ୍ୱାର୍ଥସମ୍ବଳିତ କ୍ଷେତ୍ରରେ ଦୃଢ଼ ସହଭାଗିତା ରହିଛି ବୋଲି ସେ କହିଛନ୍ତି । ବିଭିନ୍ନ ସଂକଟ ସମୟରେ ଶ୍ରୀଲଙ୍କାକୁ ସହଯୋଗ ପ୍ରଦାନ କରିଥିବାରୁ ରାଷ୍ଟ୍ରପତି ଦିଶାନାଏକ ଭାରତ ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭାରତର ନିରାପତ୍ତା କିମ୍ବା ଆଞ୍ଚଳିକ ସ୍ଥିରତାରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି କାର୍ଯ୍ୟକଳାପ ପାଇଁ ଶ୍ରୀଲଙ୍କା ନିଜ ଅଞ୍ଚଳ ବ୍ୟବହାର କରିବାକୁ ଦେବ ନାହିଁ ବୋଲି ରାଷ୍ଟ୍ରପତି ଦିଶାନାଏକ ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ, ୩ ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତକାଲି କଲମ୍ବୋଠାରେ ପହଞ୍ଚିଥିଲେ । ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଅମିତ ଶାହା-ଛତିଶଗଡ଼

ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଛତିଶଗଡ଼ରେ ମାଓବାଦ କାର୍ଯ୍ୟକଳାପର ଅନ୍ତ ଘଟିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଛତିଶଗଡ଼ ଦନ୍ତେୱାଡାଠାରେ ବସ୍ତର ପଣ୍ଡୁମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଆଜି ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଏହି ଅବସରରେ ଅନୁରୋଧ କରିଛନ୍ତି ।

**V/O**

ଛତିଶଗଡ଼ରେ ଆଦିବାସୀ କଳା ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ପ୍ରଦାନ କରିଥିବାରୁ ବସ୍ତର ପଣ୍ଡୁମକୁ ଶ୍ରୀ ଶାହା ପ୍ରଶଂସା କରିବା ସହ ଆସନ୍ତା ବର୍ଷ ପ୍ରତ୍ୟେକ ଆଦିବାସୀ ଜିଲ୍ଲାର କଳାକାର ଏଥିରେ ଅଂଶଗ୍ରହଣ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । ଛତିଶଗଡ଼ ଗସ୍ତ ଅବସରରେ ସ୍ୱରାଷ୍ଟ୍ର

ମନ୍ତ୍ରୀ ରାଜଧାନୀ ରାୟପୁର ଠାରେ ମାଓବାଦ କାର୍ଯ୍ୟକଳାପ ପ୍ରତିହତ କରିବା ନେଇ ବିଭାଗୀୟ ପଦେକ୍ଷପର ଆଜି ସମୀକ୍ଷା କରିଛନ୍ତି ।

## ୱ୍ୱାକଫ୍ ବିଲ୍ ମିଥସ୍

ୱ୍ୱାକଫ୍ ଆଇନ୍ ୧୯୯୫ ପୂର୍ବରୁ ଏବଂ ଏହି ଆଇନ୍ ଅଧୀନରେ ୱ୍ୱାକଫ୍ ସମ୍ପତ୍ତି ଭାବେ ପଞ୍ଜିକୃତ ହୋଇଥିବା କୌଣସି ସମ୍ପତ୍ତିକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ୱ୍ୱାକଫ୍ ସଂଶୋଧନ ବିଲ୍ ସମ୍ବନ୍ଧୀୟ ଅପପ୍ରଚାରର ପ୍ରତ୍ୟୁତ୍ତରରେ ଆଜି ଏହି ସ୍ପଷ୍ଟିକରଣ ଦିଆଯାଇଛି । ୱ୍ୱାକଫ୍ ସମ୍ପତ୍ତି ଘୋଷଣା ହେବା ପରେ ଏହା ସ୍ଥାୟୀ ଭାବେ ପୂର୍ବ ଭଳି ବଳବତ୍ତର ରହିବ । ୱ୍ୱାକଫ୍ ସମ୍ପତ୍ତିର ଉନ୍ନତ ପରିଚାଳନା ଏବଂ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହି ଆଇନ୍ ପ୍ରସ୍ତୁତ କରାଯାଇଛି । ୱ୍ୱାକଫ୍ ବୋର୍ଡ୍‌ରେ ଅଣ-ମୁସଲମାନ ସାମିଲ ହେଲେ ମଧ୍ୟ ସେମାନଙ୍କର ସଂଖ୍ୟା ଗରିଷ୍ଠତା ରହିବ ନାହିଁ ବୋଲି କୁହାଯାଇଛି । କୌଣସି ବ୍ୟକ୍ତିଗତ ଜମି ଏହି ଆଇନ୍ ଅଧୀନରେ ଅଧିଗ୍ରହଣ କରାଯିବ ନାହିଁ ।

କେବଳ ୱ୍ୱାକଫ୍ ଘୋଷଣା କରିଥିବା ସମ୍ପତ୍ତି ଉପରେ ଏହା ଲାଗୁ ହେବ ବୋଲି ମନ୍ତ୍ରଣାଳୟ କହିଛି । ସ୍ୱଚ୍ଛାକୃତ ଏବଂ ଆଇନ୍‌ଗତ ଭାବରେ ୱ୍ୱାକଫ୍‌କୁ ଦିଆଯାଇଥିବା ସମ୍ପତ୍ତି ନୂତନ ଆଇନ୍ ଅଧୀନରେ ଅନ୍ତର୍ଭୁକ୍ତ ହେବ । ଜିଲ୍ଲାପାଳଙ୍କ ପାହ୍ୟାଠୁ ଊର୍ଦ୍ଧ୍ୱ ପାହ୍ୟାର ଜଣେ ଅଧିକାରୀଙ୍କୁ ୱ୍ୱାକଫ୍

ବୋର୍ଡ ସମ୍ପତ୍ତିର ସମୀକ୍ଷା ଏବଂ ଯାଞ୍ଚ୍ କରିବାର ଦାୟିତ୍ୱ ଦିଆଯାଇଛି । ତେବେ କୌଣସି ସରକାରୀ ସମ୍ପତ୍ତି ଭୁଲ୍ ବଶତଃ ୱାକଫ୍ ସମ୍ପତ୍ତି ଭାବେ ଚିହ୍ନଟ କରାଯାଇଛି କି ନାହିଁ ସେ ତାହାର ସମୀକ୍ଷା କରିବେ । ଆଇନ୍ ଅନୁମୋଦିତ ୱାକଫ୍ ସମ୍ପତ୍ତିକୁ ଅବୈଧ ଘୋଷଣା କରାଯାଇ ପାରିବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

## ୟୁଜିସି ଆବ୍ରୋଡ୍ ଷ୍ଟୁଡେଣ୍ଟସ୍

ବିଦେଶରେ ଶିକ୍ଷା ପ୍ରାପ୍ତ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଦେଶରେ ଉଚ୍ଚଶିକ୍ଷା ଏବଂ କର୍ମ କ୍ଷେତ୍ରରେ ସୁଯୋଗ ଦେବା ଲକ୍ଷ୍ୟ ନେଇ  ଏକ ମାନକ ସମକକ୍ଷ ଢାଞ୍ଚା ପ୍ରସ୍ତୁତ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁଜିସି ନିଷ୍ପତ୍ତି ନେଇଛି । ସ୍କୁଲ୍ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଦେଶୀ ଯୋଗ୍ୟତାକୁ ସ୍ୱୀକୃତି ଦେବା ପାଇଁ ଆୟୋଗ ଏହି ପଦକ୍ଷେପ ଗ୍ରହଣ କରିଛି । ସ୍ୱଚ୍ଛ ଜ୍ଞାତକୌଶଳ ଭିତ୍ତିକ ବ୍ୟବସ୍ଥାକୁ ଏଥିପାଇଁ ବିକଶିତ କରାଯାଇଛି ବୋଲି ୟୁଜିସି ସୂଚନା ଦେଇଛି । ୟୁଜିସି ଅଧ୍ୟକ୍ଷ ମାମିଡାଲା ଜଗଦେଶ କୁମାର କହିଛନ୍ତି, ଭାରତକୁ ଏକ ବିଶ୍ୱସ୍ତରୀୟ ଅଧ୍ୟୟନ ସ୍ଥଳୀରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତିର ଦୃଷ୍ଟିକୋଣକୁ ଆଧାର କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି, ଯଦି ଭାରତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାକୁ ଚାହୁଁଛନ୍ତି ତେବେ ବିଦେଶରେ

ପ୍ରାପ୍ତ ଡିଗ୍ରୀକୁ ଉଚିତ ସ୍ୱୀକୃତି ଦେବାକୁ ପଡ଼ିବ । ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସମାବେଶୀ, ପ୍ରତିଯୋଗିତା ମୂଳକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଅଧ୍ୟକ୍ଷ ଜଗଦୀଶ କୁମାର କହିଛନ୍ତି ।

## ବାଂଲାଦେଶ-ମ୍ୟାଁମାର୍

ବାଂଲାଦେଶରେ ଆଶ୍ରୟ ନେଇଥିବା ୮ ଲକ୍ଷ ରୋହିଙ୍ଗ୍ୟାଙ୍କ ମଧ୍ୟରୁ ୧ ଲକ୍ଷ ୮୦ ହଜାରଙ୍କୁ ମ୍ୟାଁମାର୍‌କୁ ଫେରିବା ପାଇଁ ଚିହ୍ନଟ ହୋଇଛନ୍ତି । ମ୍ୟାଁମାର୍ କର୍ତ୍ତୃପକ୍ଷ ବାଂଲାଦେଶକୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ୨୦୧୮ରୁ ୨୦୨୦ ମଧ୍ୟରେ ବାଂଲାଦେଶ ପକ୍ଷରୁ ୬ଟି ପର୍ଯ୍ୟାୟରେ ରୋହିଙ୍ଗ୍ୟାଙ୍କ ତାଲିକା ପ୍ରସ୍ତୁତ କରାଯାଇ ମ୍ୟାଁମାର୍‌କୁ ପ୍ରଦାନ କରାଯାଇଥିଲା । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପ୍ରମୁଖ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଆହୁରି ୭୦ ହଜାର ରୋହିଙ୍ଗ୍ୟାଙ୍କର ଯାଞ୍ଚ୍ ଚାଲିଥିବା ଜଣାପଡ଼ିଛି । ବାଂଲାଦେଶ ପକ୍ଷରୁ ସେମାନଙ୍କର ତଥ୍ୟ ମ୍ୟାଁମାର୍‌କୁ ହସ୍ତାନ୍ତର କରାଯାଇଛି ।

ବିମ୍‌ଷ୍ଟେକ୍ ସମ୍ମିଳନୀ ଅବସରରେ ବ୍ୟାଙ୍କକ୍ ଠାରେ ବାଂଲାଦେଶ ପ୍ରତିନିଧି ଡକ୍ଟର ଖଲିଲୁର୍ ରେହେମାନଙ୍କୁ ମ୍ୟାଁମାର୍‌ର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ୟୁ ଥାନ୍ ସିୟୁ ଆଲୋଚନା କାଳରେ ଏହି ତଥ୍ୟ ପ୍ରଦାନ କରିଛନ୍ତି । ରୋହିଙ୍ଗ୍ୟା ସମସ୍ୟାର ସମାଧାନ ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଗ୍ରହଣ କରାଯାଉଛି । ଚିହ୍ନଟ ହେବାକୁ ଥିବା ତାଲିକାରୁ ବାକି ରହିଥିବା ୫ ଲକ୍ଷ ୫୦ ହଜାର ରୋହିଙ୍ଗ୍ୟାଙ୍କର ଯାଞ୍ଚ୍ କାର୍ଯ୍ୟ ଚାଲିଛି ବୋଲି ମ୍ୟାଁମାର୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ ବାଂଲାଦେଶର କକ୍ସ ବଜାର ଜିଲ୍ଲାର ଉଖିୟା ଏବଂ ଟେକ୍‌ନାଫ୍ ଠାରେ ୩୩ଟି କ୍ୟାମ୍ପ୍‌ରେ ୧୩ ଲକ୍ଷ ରୋହିଙ୍ଗ୍ୟା ବସବାସ କରୁଛନ୍ତି । ପ୍ରତି ବର୍ଷ ୩୨ ହଜାର ନବଜାତକ ଏହି ସଂଖ୍ୟାରେ ମିଶୁଛି ବୋଲି ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଗତ ୭ ବର୍ଷ ମଧ୍ୟରେ ଏହି କ୍ୟାମ୍ପ୍ ଗୁଡ଼ିକରେ ୨ ଲକ୍ଷ ଶିଶୁ ଜନ୍ମଗ୍ରହଣ କରିଥିବା ଜଣାପଡ଼ିଛି ।

## ଏନ୍‌ଏସ୍‌ଓ-ଓ୍ୱାର୍କସପ୍

ଦେଶରେ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏକ ସମ୍ମିଳନୀ ଆଜି ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ ହୋଇଛି । ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ

ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଯୋଗଦେଇଥିଲେ । ଉଭୟ ଜାତୀୟ ଏବଂ ରାଜ୍ୟସ୍ତରରେ ପ୍ରସଙ୍ଗ ଭିତ୍ତିକ ସଠିକ୍ ଓ ସମୟୋପଯୋଗୀ ପରିସଂଖ୍ୟାନ ପ୍ରସ୍ତୁତ କରିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଛି । ସମ୍ମିଳନୀକୁ ସମ୍ବୋଧନ କରି ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ କହିଛନ୍ତି, ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ସମସ୍ତ ଅଂଶିଦାରଙ୍କୁ ଏକ ମଞ୍ଚକୁ ଆଣିବାରେ ସକ୍ଷମ ହୋଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ କେନ୍ଦ୍ର ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଜି ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିପକ୍ଷରେ ୨୫ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୮୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କେ.ଏଲ୍. ରାହୁଲ ୫୧ଟି ବଲ୍‌ରୁ ୭୭ରନ୍ ସଂଗ୍ରହ କରିଥିଲେ । ଚେନ୍ନାଇ ପକ୍ଷରୁ

ଖଲିଲ୍ ଅହମ୍ମଦ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡ଼େଜା, ନୁର୍ ଅହମ୍ମଦ ଏବଂ ପଥିରାଣା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି ।

୧୮୪ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ସୁପରକିଙ୍ଗ୍ ପ୍ରଥମେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ତେବେ ନିର୍ଦ୍ଧାରିତ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୫୮ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ବିଜୟ ଶଙ୍କର ସର୍ବାଧିକ ୬୯ ରନ୍ କରିଥିଲେ ।

ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଚଣ୍ଡିଗଡ଼ ଠାରେ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।